**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**20 September - 2024**

**News Editor : *Itishree Singh Rathaur***

# ପିଏମ୍ ବିଶ୍ୱକର୍ମା ଯୋଜନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ ବିଶ୍ୱକର୍ମା ଯୋଜନାର ୧ବର୍ଷ ପୂର୍ତ୍ତି ଅବସରରେ ଆଜି ମହାରାଷ୍ଟ୍ରର ଓ୍ୱାର୍ଦ୍ଧାଠାରେ ଆଭାସୀ ମାଧ୍ୟମରେ ୧ଲକ୍ଷ ହିତାଧିକାରୀଙ୍କୁ ପରିଚୟପତ୍ର ଏବଂ ପ୍ରମାଣ ପତ୍ର ବିତରଣ କରିବେ । ସେହିଭଳି ୧ଲକ୍ଷ ପିଏମ୍ ବିଶ୍ୱକର୍ମାଙ୍କୁ ଦକ୍ଷତା ପ୍ରମାଣପତ୍ର ଏବଂ ୭୫ହଜାର ହିତାଧିକାରୀଙ୍କୁ ଋଣ ପାଇଁ ଇ-ମଞ୍ଜୁରୀ ପ୍ରଦାନ କରାଯିବ ।

# ଜନଜାତି ପରିବାର ଉପକୃତ

ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନରେ ରାଜ୍ୟର ୨୭ଟି ଜିଲ୍ଲାର ୧୦ଲକ୍ଷ ୮୫ହଜାର ୬୬୧ ଜନଜାତି ପରିବାର ଉପକୃତ ହେବେ ବୋଲି ସରକରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏ ସମ୍ପର୍କରେ ନିଆଯାଇଥିବା କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଅଭିଯାନରେ ୨୫ଟି କାର୍ଯ୍ୟକ୍ରମ ସାମିଲ ହେବ । ଏହା ମାଧ୍ୟମରେ ଜନଜାତୀୟ ଗ୍ରାମ ଗୁଡ଼ିକର ଭିତ୍ତିଭୂମି ବିକାଶ, ସାମାଜିକ ଅର୍ଥନୈତିକ ସଶକ୍ତିକରଣ, ଉତ୍ତମ ଶିକ୍ଷା ତଥା ସ୍ୱାସ୍ଥ୍ୟକର ଜୀବନ ସହ ସମ୍ମାନଜନକ ବାର୍ଦ୍ଧକ୍ୟକୁ ପ୍ରୋତ୍ସାହିତ କରାଯିବ । ଅଭିଯାନରେ ଆଦିବାସୀ ବହୁଳ ଅଞ୍ଚଳରେ ହୋମ୍ ଷ୍ଟେ

କାର୍ଯ୍ୟକ୍ରମ ଜଙ୍ଗଲ ଅଧିକାର ଆଇନ୍ ଅଧୀନରେ ପଟ୍ଟା ପାଇଥିବା ଲୋକଙ୍କ ପାଇଁ ସହାୟତା ଏବଂ ସିକିଲ ସେଲ୍ ରୋଗ ପରିଚାଳନା ଭଳି ପଦକ୍ଷେପ ନିଆଯିବ । ଅଭିଯାନ ଅଧୀନରେ ସମସ୍ତ ଅଗ୍ରଗତି କାର୍ଯ୍ୟକୁ ପିଏମ୍ ଗତିଶକ୍ତି ପୋର୍ଟାଲ ମାଧ୍ୟମରେ ନିରୀକ୍ଷଣ କରାଯିବ ବୋଲି ଜଣାପଡିଛି ।

# ସୂତା କଟାଳିଙ୍କ ମଜୁରୀ

ଦେଶରେ ଥିବା ସୂତାକଟାଳିଙ୍କ ମଜୁରୀରେ ୨୫ ପ୍ରତିଶତ ବୃଦ୍ଧି ହେବ ଏହାସହ ବୁଣାକାରଙ୍କ ମଜୁରୀକୁ ୭ ପ୍ରତିଶତ ବୃଦ୍ଧି କରାଯିବ ବୋଲି ଖଦି ଓ ଗ୍ରାମଦ୍ୟୋଗ ଆୟୋଗ ଅଧ୍ୟକ୍ଷ ମନୋଜ କୁମାର ଘୋଷଣା କରିଛନ୍ତି । ଗୁଜୁରାଟର ପୋରବନ୍ଦରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ତୃତୀୟ ପାଳିର ୧୦୦ଦିନ ପୂର୍ତ୍ତି ଅବସରରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଶ୍ରୀକୁମାର କହିଛନ୍ତି ଆସନ୍ତା ଅକ୍ଟୋବର ଗାନ୍ଧୀ ଜୟନ୍ତୀରୁ ମଜୁରୀ ବୃଦ୍ଧି ଲାଗୁହେବ । ସାରା ଦେଶରେ ପାଖାପାଖି ୩ହଜାର ପଞ୍ଜିକୃତ ଖଦି ଅନୁଷ୍ଠାନ ରହିଛି । ସେମାନଙ୍କ ଜରିଆରେ ୪ଲକ୍ଷ ୯୮ହଜାର ଖଦି କାରିଗର ନିଯୁକ୍ତି ପାଇଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ମହିଳା କାରିଗର ଥିବା ସେ ସୂଚନା ଦେଇଛନ୍ତି ।

# ଯକ୍ଷ୍ମା ନିୟନ୍ତ୍ରଣ-ବିସିଜି ଟୀକା

ଭାରତୀୟ ଭେଷଜ ଗବେଷଣା ପରିଷଦ-ଆଇସିଏମ୍ଆର୍ ଓ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ମାସରୁ ଯକ୍ଷ୍ମା ନିୟନ୍ତ୍ରଣ ପାଇଁ ବିସିଜି ଟୀକା

ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୪୦ଲକ୍ଷ ଲୋକଙ୍କୁ ଏହି ଟୀକା ଦିଆଯିବ । ଏହିକ୍ରମରେ ରାଜ୍ୟର ୧୫ଟି ଜିଲ୍ଲାରେ ସପ୍ତାହର ପ୍ରତି ସୋମବାର, ମଙ୍ଗଳବାର, ଗୁରୁବାର ଓ ଶୁକ୍ରବାର ଦିନ ଟୀକା ଦିଆଯିବ । ସୂଚନା ଅନୁସାରେ ୨୦୨୩ ମସିହାରେ ରାଜ୍ୟରେ ୧୫ଲକ୍ଷ ଯକ୍ଷ୍ମା ନମୂନା ପରୀକ୍ଷଣ ହୋଇଥିଲା । ସେଥିରୁ ୬୨ହଜାର ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିଲେ । ଚଳିତବର୍ଷ ଜୁଲାଇସୁଦ୍ଧା ୩୫ହଜାର ରୋଗୀ ଚିହ୍ନଟ ହୋଇଛନ୍ତି । ଦେଶରେ ୨୦୨୫ ମସିହା ସୁଦ୍ଧା ଯକ୍ଷ୍ମା ନିୟନ୍ତ୍ରଣ ପାଇଁ ଲକ୍ଷ୍ୟ ରଖାଯାଇଛି ।

## ଲୋକସେବା ଭବନ-ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ମିନିରତ୍ନ କମ୍ପାନୀ ୱାପ୍‌କୋସର ପ୍ରତିନିଧିଙ୍କ ସହ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୈଠକ କରିଛନ୍ତି । ଏଥିରେ ଶକ୍ତି, ଜଳସେଚନ ଓ ଭିତ୍ତିଭୂମି ବିକାଶ ନେଇ ଆଲୋଚନା ହୋଇଥିଲା । ସମ୍ବଲପୁର-ଚିପିଲିମା ପାୱାର ଚ୍ୟାନେଲର କିଛି ଅଂଶ ମରାମତି ପାଇଁ ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଏହାସହ ଆଗାମୀ ପ୍ରକଳ୍ପ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା ।

# ସିଏମ୍ କିଷାନ ଯୋଜନା

ସିଏମ୍ କିଷାନ ଯୋଜନାରେ ନୂତନ ହିତାଧିକାରୀମାନେ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ କରିପାରିବେ । ଚାଷୀମାନେ **cmkissan.odisha.gov.in** ମାଧ୍ୟମରେ ପଞ୍ଜିକରଣ କରିପାରିବେ । ଏହି ଯୋଜନାରେ ହିତାଧିକାରୀମାନେ ୨ଟି କିସ୍ତିରେ ୨ହଜର ଟଙ୍କା ଲେଖାଏଁ ବାର୍ଷିକ ମୋଟ୍ ୪ହଜାର ଟଙ୍କାର ସହାୟତା ପାଇବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ।

# +୨ ପାଠ୍ୟକ୍ରମ-ବିଭାଜନ

+୨ ପାଠ୍ୟକ୍ରମକୁ ଉଭୟ ଇଣ୍ଟରନାଲ ଓ ବାର୍ଷିକ ପରୀକ୍ଷା ପାଇଁ ବିଭାଜନ କରାଯିବ । ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାରେ ଏହି ବ୍ୟବସ୍ଥା ଲାଗୁ ହେବ । ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ସରକାରୀ, ବେସରକାରୀ, ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ପତ୍ର ଲେଖାଯାଇଛି । ପତ୍ର ଅନୁସାରେ ପରୀକ୍ଷାରେ ପାଠ୍ୟକ୍ରମ ଠିକ୍ ସମୟରେ ଶେଷ କରିବା ତଥା ନିୟମିତ ଭାବରେ ଛାତ୍ରଛାତ୍ରୀମାନେ ଅଭ୍ୟାସ କରିବା ନେଇ ଗୁରୁତ୍ୱ ଦିଆଯିବ । ଛାତ୍ରଛାତ୍ରୀଙ୍କ ମାନସିକ ଚାପ ହ୍ରାସ କରିବା ତଥା ଉତ୍ତମ ଫଳାଫଳ ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି ।

# ସ୍ୱାସ୍ଥ୍ୟଶିକ୍ଷା ପ୍ରଦର୍ଶନୀ

ରାଜ୍ୟରେ ନୂତନ ସରକାରଙ୍କ ୧୦୦ଦିନ ପୂର୍ତ୍ତି ଅବସରରେ ପୁରୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନୀଳାଞ୍ଚଳ ଅର୍ବାନ ହାଟରେ ଆୟୋଜିତ ବିକାଶ ମେଳାରେ ସ୍ୱାସ୍ଥ୍ୟଶିକ୍ଷା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି । ଏଥିରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ଜନହିତକର ସୂଚନା ପ୍ରଦର୍ଶିତ କରାଯାଇଛି । ଏହାସହ ବିଭାଗ ପକ୍ଷରୁ ଆଶୁ ଆରୋଗ୍ୟ କେନ୍ଦ୍ର ମଧ୍ୟ ଖୋଲାଯାଇଛି ।

# ରିଲିଫ କେନ୍ଦ୍ର

ରାଜ୍ୟରେ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ୪ଟି ଜିଲ୍ଲାର ୨୬୩ଟି ପଞ୍ଚାୟତ ଏବଂ ୩୩ଟି ବ୍ଲକର ଅଣଚାଳିଶ ହଜାର ଲୋକ ପ୍ରଭାବିତ ହୋଇଛନ୍ତି ବୋଲି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ବନ୍ୟାଯୋଗୁଁ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲା ବିଶେଷଭାବେ ପ୍ରଭାବିତ ହୋଇଛି । ବିପନ୍ନଙ୍କ ପାଇଁ ୫୫ଟି ରିଲିଫ କେନ୍ଦ୍ର ଖୋଲାଯାଇଛି ।

# ପାଣିପାଗ

ଉତ୍ତର ପଶ୍ଚିମ ଭାରତର ବିଭିନ୍ନ ଅଞ୍ଚଳରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଗାମୀ ୨ରୁ ୩ ଦିନ ମଧ୍ୟରେ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହେବ

ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ ମୌସୁମୀ ଅପସାରଣ ପାଇଁ ପାଗ ଅନୁକୂଳ ରହିଛି । ତେବେ ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ଆଉ କିଛିସମୟ ଲାଗିବ ବୋଲି ଜଣାପଡିଛି ।

ଅପରପକ୍ଷରେ ରାଜ୍ୟରେ ଆସନ୍ତା ରବିବାରଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ରବିବାର ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ୧୩ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।